ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/IT Dept.(OD)/893/18-12-2020

# ଏସ୍‌ଟିପିଆଇ, ଗୋଠପାଟଣା କେନ୍ଦ୍ର ପରିଦର୍ଶନ କଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା

- ଓଡ଼ିଶା ହେବ ଆଇଟି ପେଣ୍ଠସ୍ଥଳ
- ଆଇଟି କ୍ଷେତ୍ରରେ ବଢ଼ିବ କର୍ମନିଯୁକ୍ତି

ଭୁବନେଶ୍ୱର, ତା.୧୮/୧୨/୨୦୨୦

ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଗତକାଲି ଗୋଠପାଟଣାସ୍ଥିତ ଏସ୍‌ଟିପିଆଇ କେନ୍ଦ୍ର ପରିଦର୍ଶନ କରିଛନ୍ତି ।

ଏହି ନୂଆ ଏସ୍‌ଟିପିଆଇ କେନ୍ଦ୍ରରେ ପ୍ଲଗ୍ ଆଣ୍ଡ ପ୍ଲେ, ନେକ୍ସଟ୍ ଜେନେରେସନ୍ ଇନ୍‌କ୍ୟୁବେସନ୍ ସେଣ୍ଟର, ଡାଟା ଷ୍ଟୋରେଜ୍, ଡାଟା ସିକ୍ୟୁରିଟି, ଇଲେକ୍‌ଟ୍ରୋପ୍ରିନିୟୋର ପାର୍କ, ମେଣ୍ଟର କନେକ୍ଟ ଆଦି ରହିଥିବା ବିଭିନ୍ନ ଆଇଟି ଭିତ୍ତିଭୂମିକୁ ମନ୍ତ୍ରୀ ଶ୍ରୀ ବେହେରା ଅନୁଧ୍ୟାନ କରିଥିଲେ । ଏହି ଏସ୍‌ଟିପିଆଇ ଗୋଠପାଟଣା କେନ୍ଦ୍ର କାର୍ଯ୍ୟକାରୀ ହେବା ପରେ ନୂଆଦିଲ୍ଲୀ ପରେ ଏହା ସମଗ୍ର ଦେଶରେ ଦ୍ୱିତୀୟ ଉତ୍କର୍ଷ କେନ୍ଦ୍ର ଭାବେ ପରିଗଣିତ ହେବ । ଏଥି ସହିତ ଆଇଟି କ୍ଷେତ୍ରରେ ନିଯୁକ୍ତି ବହୁମାତ୍ରାରେ ବୃଦ୍ଧି ପାଇବ ବୋଲି ଅଧିକାରୀମାନେ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ ଅବଗତ କରାଇଥିଲେ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଟାୟାର-୩ ଡାଟା ଷ୍ଟୋରେଜ ସେଣ୍ଟର ଓ ଫାବ୍-ଲ୍ୟାବ୍ ବୁଲିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରକୁ ଆଇଟି ହବ୍‌ରେ ପରିଣତ କରିବାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ ଦିଗରେ ଆମ ସମସ୍ତଙ୍କୁ ଆଗଭର ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଥିଲେ । କରୋନା ମହାମାରୀ ପାଇଁ ଦେଶରେ ଆର୍ଥିକ ଓ ସ୍ୱଭାବିକ କାର୍ଯ୍ୟକ୍ରମ ଯଥେଷ୍ଟ କମିଯାଇଥିଲା । ତେବେ ରାଜ୍ୟ ସରକାରଙ୍କ ସଠିକ୍ କୋଭିଡ୍ ପରିଚାଳନା ଏବଂ ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଏହି ସମୟ ମଧ୍ୟରେ ବହୁଗୁଡ଼ିଏ ଉନ୍ନୟନ କାର୍ଯ୍ୟ କରାଯାଇ ପାରିଛି । ଆମ ରାଜ୍ୟରେ ଅଧିକ ଆଇଟି ବୃତ୍ତିଧାରୀ ସୃଷ୍ଟି କରିବା ଏବଂ ଆଇଟି-ଉଦ୍ୟୋଗୀମାନଙ୍କୁ ଆକୃଷ୍ଟ କରିବା ପାଇଁ ସବୁପ୍ରକାର ସୁବିଧାସୁଯୋଗ ଯୋଗାଇ ଦେବାଲାଗି ବହୁ ପଦକ୍ଷେପ ଗ୍ରହଣ କରାଯାଇଛି । ଆଇଟି କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ବେହେରା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ଭୁବନେଶ୍ୱର, ବ୍ରହ୍ମପୁର ଏବଂ ରାଉରକେଲାରେ ଏସ୍‌ଟିପିଆଇ କାର୍ଯ୍ୟ କରୁଥିବାବେଳେ ନବନିର୍ମିତ ବାଲେଶ୍ୱର ଏସ୍‌ଟିପିଆଇ କେନ୍ଦ୍ର ଉଦ୍‌ଘାଟନ ଅପେକ୍ଷାରେ ରହିଛି । ଏଥିସହ କୋରାପୁଟ-ଜୟପୁର, ଯାଜପୁର, ଅନୁଗୁଳ ଓ ସମ୍ବଲପୁର ଏସ୍‌ଟିପିଆଇ ପ୍ରତିଷ୍ଠା କାର୍ଯ୍ୟ ଆଗାମୀ ଦୁଇବର୍ଷ ମଧ୍ୟରେ ଶେଷ କରାଯିବାର ଯୋଜନା ରହିଛି ।

ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଏସ୍‌ଟିପିଆଇ,ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ପଣ୍ଡାଙ୍କ ସହିତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ସୁଜିତ ରଞ୍ଜନ ସ୍ୱାଇଁ
ସୂଚନା ଅଧିକାରୀ